## ସାହିତ୍ୟୋତ୍ସବର ଚତୁର୍ଥ ଦିବସ

# ସାହିତ୍ୟ ଓ ଆଇନ ମଧ୍ୟରେ ସମ୍ପର୍କ ଗଭୀର



ଭୁବନେଶ୍ୱର,୧୦।୩(ବ୍ୟୁରୋ): ନୂଆଦିଲ୍ଲୀର ରବୀନ୍ଦ୍ର ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଆୟୋଜିତ ଏସିଆର ସର୍ବବୃହତ ସାହିତ୍ୟ ମହୋତ୍ସବର ଚତୁର୍ଥ ଦିନରେ ୨୨ଟି କାର୍ଯ୍ୟକ୍ରମରେ ବିଭିନ୍ନ ଭାରତୀୟ ଭାଷାର ୧୪୦ରୁ ଅଧିକ ଲେଖକ ଅଂଶଗ୍ରହଣ କରିଥିଲେ। ୫ଟି ବହୁଭାଷୀ କବି ସମ୍ମିଳନୀ, ୪ଟି ଗଳ୍ପ ସମ୍ମିଳନୀ ସହିତ ସ୍ୱାଧୀନତା ପୂର୍ବ ଭାରତୀୟ ସାହିତ୍ୟରେ 'ରାଷ୍ଟ୍ର'ର ଧାରଣା, କମିକ୍ସ ସାହିତ୍ୟ ଭି, ଭାରତୀୟ ସମାଜରେ ପରିବର୍ତ୍ତନର ପ୍ରତିଫଳନ ଭାବରେ ମଞ୍ଚ ନାଟକ, ସଂସ୍କୃତିକ ରୂପରେ ବିଭିନ୍ନ ଭାଷାରେ ସାହିତ୍ୟ କୃତି ଅନୁବାଦ କରିବାରେ ଆହ୍ୱାନ, ପ୍ରବାସୀ ସାହିତ୍ୟରେ ମାତୃଭୂମି ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଆଜିର ଆଲୋଚନାଚକ୍ର 'ସାହିତ୍ୟ ଏବଂ ସାମାଜିକ ନ୍ୟାୟ'ରେ ଅଧକ୍ଷତା କରିଥିଲେ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର। ଏ.ପି. ମାହେଶ୍ୱରୀ, ମୁକୁଲ କୁମାର ଏବଂ ଅଶ୍ୱିନୀ କୁମାର ଅଂଶଗ୍ରହଣ କରିଥିଲେ।

ସଭାପତିତ୍ୱ ଭାଷଣରେ ଜଷ୍ଟିସ୍ ଦୀପକ ମିଶ୍ର କହିଲେ, ସାହିତ୍ୟ ଏବଂ ଆଇନ୍ ପରସ୍ପର ସହିତ ଗଭୀର ଭାବରେ ଜଡ଼ିତ। ଉଭୟଙ୍କ ମଧ୍ୟରେ ସମ୍ପର୍କ ବି ଗଭୀର। ସେ ଏକଥା ମଧ୍ୟ କହିଥିଲେ, ନ୍ୟାୟର ପରିଭାଷା ସେତେବେଳେ ଅର୍ଥପୂର୍ଣ୍ଣ ହେବ ଯେତେବେଳେ ସମାଜର ଶେଷ ବ୍ୟକ୍ତି ମଧ୍ୟ ତାଙ୍କ ଅଧିକାର ପାଇବ। ସାହିତ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଅନ୍ୟ ଏକ ସମ୍ମାନର ଶୀର୍ଷକ 'ଭାରତୀୟ ସାହିତ୍ୟିକ ପରମ୍ପରା: ଐତିହ୍ୟ ଏବଂ ବିକାଶ'ରେ ପ୍ରସିଦ୍ଧ ବଙ୍ଗଳା ବିଦ୍ୱାନ, ଅନୁବାଦକ ସୁକାନ୍ତ ଚୌଧୁରୀ ଉଦ୍‌ଘାଟନୀ ଭାଷଣ ଏବଂ ବିଶିଷ୍ଟ ଇଂରାଜୀ ଲେଖକ ପରାଞ୍ଜପେ ମୂଳ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମୀର ସଭାପତି ମାଧବ କୌଶିକ ସଭାପତିତ୍ୱ ଭାଷଣରେ ଭାରତୀୟ ସାହିତ୍ୟ ସହାନୁଭୂତି ଏବଂ ମାନବିକତା ଉପରେ ପ୍ରତିଷ୍ଠିତ ବୋଲି କହିଥିଲେ। ସମ୍ମାନର ଅନ୍ୟାନ୍ୟ ଅଧିବେଶନରେ 'ଭାରତୀୟ ନାଟକ: ଉତ୍କର୍ଷତାର ପରିଭାଷା', 'ପ୍ରାଚୀନ ଭାରତୀୟ ସାହିତ୍ୟ ଏବଂ ଅନୁବାଦ' ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବହୁ ବିଶିଷ୍ଟ ଲେଖକ ଏବଂ ବିଦ୍ୱାନ ଯୋଗ ଦେଇଥିଲେ। ଆଳାପ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଏବଂ ବିଦ୍ୱାନମାନେ ଅହମିଆ, ହିନ୍ଦୀ, ଗୁଜରାଟୀ, ମାଲୟାଲମ ଏବଂ ତାମିଲ ଭାଷାରେ ୨୦୨୪ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିବା ଲେଖକଙ୍କ ସହ ଭାବ ବିନିମୟ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଫୌଜିଆ ଦାସ୍ତାନଗୋ ଓ ରିତେଶ ଯାଦବଙ୍କ ଦ୍ୱାରା 'ଦାସ୍ତାନ-ଏ-ମହାଭାରତ' ପରିବେଷିତ ହୋଇଥିଲା।